# ରାୟଗଡ଼ା ଜିଲାରେ ୧୩୦୧ ଏଡ୍‌ସ ରୋଗୀ ଚିହ୍ନଟ

■ଆକ୍ରାନ୍ତଙ୍କ ମଧ୍ୟରେ ୬୭ ଶିଶୁ
■ହେଉନି ଆବଶ୍ୟକ ସଚେତନତା କାର୍ଯ୍ୟକ୍ରମ
■ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା

ରାୟଗଡ଼ା,୧।୧୨(ଆଶିଷ ରଞ୍ଜନ ପଣ୍ଡା)

ବିଶ୍ୱ ଏଡ୍‌ସ ଦିବସ ଅବସରରେ ରବିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ସଚେତନତା କାର୍ଯ୍ୟର ଶୁଭାରମ୍ଭ କରାଯାଇ ସହର ପରିକ୍ରମା କରାଯାଇଥିଲା । ହେଲେ କେବଳ ଦିବସ ସମୟରେ ଏହାକୁ ପାଳନ କରି ପରବର୍ତ୍ତୀ ସମୟରେ ଆବଶ୍ୟକ ସଚେତନ କରାଯାଉ ନ ଥିବାରୁ ଏଡ୍‌ସ ରୋଗର ନିୟନ୍ତ୍ରଣ ହୋଇପାରୁନି ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଜିଲାରେ ଏଡ୍‌ସ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଏହା ଉପରେ ନିୟନ୍ତ୍ରଣ ହୋଇପାରୁ ନ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଆଧାରରେ ଜଣାପଡ଼ିଛି ।

ଯଦି ଗତ ୨୦ ବର୍ଷର ଏଡ୍‌ସ ଆକ୍ରାନ୍ତଙ୍କ ସଂଖ୍ୟା ଉଦାହରଣକୁ ନିଆଯାଏ ତେବେ ବର୍ତ୍ତମାନ ସୁଦ୍ଧା ଜିଲାରେ ୧୩୦୧ ଜଣ ଏଡ୍‌ସ ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୮୧ ଜଣ ମୃତ୍ୟୁବରଣ କରିସାରିଲେଣି।



ସିଡିଏମ୍‌ଓ ସବୁଜ ପତାକା ଦେଖାଇ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି ।

ତେବେ ଗତ ୩ ବର୍ଷ ଭିତରେ ଆକ୍ରାନ୍ତଙ୍କ ସଂଖ୍ୟା ଅହେତୁକ ବୃଦ୍ଧି ଘଟିଛି। ୨୦୨୨ରେ ୩୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୬ ଜଣଙ୍କ ମୃତ୍ୟୁ ହୋଇଛି। ୨୦୨୩ରେ ୪୮ ଆକ୍ରାନ୍ତ ଚିହ୍ନଟ ଓ ୩ ଜଣଙ୍କ ମତ୍ୟୁ ଘଟିଥିବା ବେଳେ ଚଳିତ ବର୍ଷ ୬୫ ଜଣ ଅଦ୍ୟାବଧି ଚିହ୍ନଟ ହୋଇଛନ୍ତି । ଚଳିତ ବର୍ଷ ୪ ଜଣଙ୍କ ମୃତ୍ୟୁ ଘଟିଛି। ତେବେ ଆକ୍ରାନ୍ତଙ୍କ ମଧ୍ୟରେ ୬୭ ଜଣ ଶିଶୁ ରହିଛନ୍ତି। ଜନ୍ମ ସମୟରେ ସେମାନେ ବାପା ଓ ମାଙ୍କଠାରୁ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ଅପରପକ୍ଷେ, ଏଡ୍‌ସ ରୋକିବା ଦିଗରେ ସଚେତନତା ସୃଷ୍ଟି ସହିତ ମହାମାରୀ ରୋକିବା ପାଇଁ ଗୋଟିଏ ଏନ୍‌ଜିଓ ସମଗ୍ର ଜିଲାରେ କାର୍ଯ୍ୟ କରୁଛି। ମୁଖ୍ୟତଃ ବାହାରୁ ଆସୁଥିବା ଟ୍ରକ୍ ଚାଳକ, ଶ୍ରମିକଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ନ ଦିଆଯାଇ କେବଳ ଫଟୋ ଭିତରେ ହିଁ କାର୍ଯ୍ୟ ସୀମିତ ରହିଥିବା ଅଭିଯୋଗ ହୋଇଛି। ସେହିଭଳି ଏଡ୍‌ସ ରୋଗୀ ଚିହ୍ନଟ ପାଇଁ ୪ଟି କେନ୍ଦ୍ର ରହିଛି। ରାୟଗଡାରେ ୨ଟି ଥିବା ବେଳେ ଗୁଣପୁର ଓ ମୁନିଗୁଡାରେ ଗୋଟିଏ ଲେଖାଏଁ କେନ୍ଦ୍ର ଅଛି। ସେହି ସ୍ଥାନରେ ହିଁ ଏଚ୍‌ଆଇଭି ପରୀକ୍ଷଣ ସହିତ ଏଡ୍‌ସ ସମ୍ବନ୍ଧୀୟ ସମସ୍ତ ସୂଚନା ରୋଗୀଙ୍କୁ ପ୍ରଦାନ ହେଉଛି।

ଏଡ୍‌ସ ଦିବସ ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏକ ସଚେତନତା ରାଲି ବାହାରି ନଗର ପରିକ୍ରମା କରିଥିଲା। ମହାମାରୀ ଏଡ୍‌ସ ସମ୍ପର୍କରେ ବି.ଫାର୍ମା, ଏଏନ୍‌ଏମ୍ ଛାତୀଛାତ୍ର ଲୋକଙ୍କୁ ସଚେତନ କରିଥିଲେ। ମୁଖ୍ୟତଃ ଅସୁରକ୍ଷିତ ଯୌନ ସମ୍ପର୍କରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇ ୧୯ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଲାଲମୋହନ ରାଉତରାୟ, ଦୁଇ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମମତା ସାହୁ ଓ ମମତା ଚୌଧୁରୀ, ଅତିରିକ୍ତ ଡାକ୍ତର ପ୍ରଦୀପ୍ତ ସୁବୁଦ୍ଧି, ଡାକ୍ତର ଡି. କେ. ଦେବ ପ୍ରମୁଖ ଉପସ୍ଥିତ ଥିଲେ।

## ଦାୟିତ୍ୱରେ ଅବହେଳା, ଡାକ୍ତର ନିଲମ୍ବିତ

ରାୟଗଡ଼ା,୧।୧୨(ଆଶିଷ ରଞ୍ଜନ ପଣ୍ଡା)

ଦାୟିତ୍ୱରେ ଅବହେଳା କାରଣରୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର ରୋହିତ କୁଣ୍ଡୁଙ୍କୁ ସ୍ୱାସ୍ଥ୍ୟ ସଚିବ ଆଶ୍ୱସ୍ଥି ଏସ୍ ନିଲମ୍ବିତ କରିଛନ୍ତି। ଡା. କୁଣ୍ଡୁଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଚାଲିଥିବା ଯୋଗୁ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ନିଲମ୍ବନ ଆଦେଶ ବଳବତ୍ତର ରହିବ ବୋଲି ରାୟଗଡ଼ା ସିଡିଏମଓ ଡା. ଲାଲମୋହନ ରାଉତରାୟ ସୂଚନା ଦେଇଛନ୍ତି ।

ଗତ ଦିନରେ ଡା କୁଣ୍ଡୁ ରାୟଗଡ଼ା ସହରାଞ୍ଚଳ ଆରୋଗ୍ୟ କେନ୍ଦ୍ରରେ ମେଡ଼ିକାଲ ଅଫିସର ଭାବେ କାର୍ଯ୍ୟରତ ଥିବାବେଳେ ଦାୟିତ୍ୱରେ ଅବହେଳା, ବିଳମ୍ବରେ ମେଡ଼ିକାଲକୁ ଆସିବା, ରୋଗୀଙ୍କ ଚିକିତ୍ସା ପ୍ରତି ଧ୍ୟାନ ନ ଦେବା ନେଇ ଅଭିଯୋଗ ପରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏହାପରେ ଡା. କୁଣ୍ଡୁଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇ ଅନ୍ୟ ଜଣେ ଡାକ୍ତରଙ୍କୁ ସହରାଞ୍ଚଳ ଆରୋଗ୍ୟ କେନ୍ଦ୍ରର ଦାୟିତ୍ୱ ଦିଆଯାଇଥିଲା । ଏହାର କିଛିଦିନ ପରେ ଉକ୍ତ ସହରାଞ୍ଚଳ କେନ୍ଦ୍ରରୁ ବିଭିନ୍ନ ରେଜିଷ୍ଟର, ସିସି ଟିଭି ହାର୍ଡଡିସ୍କ ଓ ଅନ୍ୟ ଜିନିଷ ଚୋରି ହୋଇଥିଲା । ଉକ୍ତ ଘଟଣାରେ ପୋଲିସ ତଦନ୍ତ କରି ଡା. କୁଣ୍ଡୁଙ୍କ ସହ ସହରାଞ୍ଚଳ ଆରୋଗ୍ୟ କେନ୍ଦ୍ରର ଦୁଇ ଜଣ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହାପରେ ଡା. କୁଣ୍ଡୁ ଜାମିନରେ ଆସିଥିଲେ । ତେବେ ଏହି ଘଟଣାକୁ ନେଇ ବିଭାଗୀୟ ତଦନ୍ତ ଜାରି ରହିଛି।

## ବିଭିନ୍ନ ସ୍ଥାନରେ ବିଶ୍ୱ ଏଡ୍‌ସ ଦିବସ

ଗୁଣପୁର,୧।୧୨(ପ୍ରଦୀପ କୁରମା ପାଢ଼ି)

ଗୁଣପୁରର ବିଭିନ୍ନ ସ୍ଥାନରେ ରବିବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଭାରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ଡା ପ୍ରଦୀପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରକ୍ତଭଣ୍ଡାରର ଭାରପ୍ରାପ୍ତ ଅଧିକାରୀ ଡା. ସୁଜାତା ଦେବୀ, ଆଇସିଟିସି କାଉନସିଲର ସସ୍ମିତା ନାୟକ, ଏଲ.ଟି. ସୂର୍ଯ୍ୟକାନ୍ତ ମିଶ୍ର, ଫାର୍ମାସିଷ୍ଟ ସୂର୍ଯ୍ୟ ନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇ ଏଡ୍‌ସର ଭୟାବହତା ଏବଂ ଏହାର ନିରାକରଣ ଉପରେ ଆଲୋକପାତ କରିଥିଲେ। ଏଥିରେ ଏଲ.ଏଚ.ଭି., ଷ୍ଟାପ ନର୍ସ, ଆଶା, ଅଙ୍ଗନୱାଡି କର୍ମୀ, ଜିଆଇଇଟି ନର୍ସିଂ ବିଦ୍ୟାଳୟର ଛାତ୍ରୀଛାତ୍ର ଶିକ୍ଷୟତ୍ରୀମାନେ ଯୋଗଦେଇଥିଲେ। ବୈଠକ ପରେ ଏକ ଶୋଭାଯାତ୍ରାରେ ନର୍ସିଂ ଛାତ୍ରୀଛାତ୍ର, ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟ, ଏନ.ସି.ସି, ରେଡକ୍ରସ, ସ୍କାଉଟ, ଗାଇଡ, ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ସାମିଲ ହୋଇଥିଲେ। ଶେଷରେ ରକ୍ତ ଭଣ୍ଡାରଠାରେ ରକ୍ତଦାନ ଶିବିର ହୋଇଥିଲା। ସେହିପରି ଜିଆଇଇଟି ବିଶ୍ୱ ବିଦ୍ୟାଳୟର ନର୍ସିଂ ସ୍କୁଲ ପକ୍ଷରୁ ମଧ୍ୟ ଏଡ୍‌ସ ଦିବସରେ ଶୋଭାଯାତ୍ରା କରାଯାଇଲା। ନୂତନ ବସଷ୍ଟାଣ୍ଡ ଠାରେ ପିଲାଙ୍କ ଦ୍ୱାରା ପଥପ୍ରାଂ କାଯର୍‌ୟକ୍ରମ କରାଯାଇଥିଲା। ଆସିଷ୍ଟାଣ୍ଟ ପ୍ରଫେସର କେ.ରତନ କୁମାର, ଟିଟୋର ବିଘ୍ନେଶ ପଟ୍ଟନାୟକ, କଲ୍ୟାଣୀ ପ୍ରହରାଜ, ଇପ୍ସିତା ପାଢୀ,ପ୍ରତୀକ୍ଷା ପାଢୀ, ଜ୍ୟୋତିର୍ମୟୀ ବାଗଚି ଉପସ୍ଥିତ ରହିଥିଲେ।



ଏଡ୍‌ସକୁ ନେଇ ସଚେତନତା ଶୋଭାଯାତ୍ରା ଚାଲିଛି।

## ରାଣୀଗୁଡା ବ୍ରାହ୍ମଣ ସମାଜର କର୍ମକର୍ତ୍ତା ଚୟନ



ରାୟଗଡ଼ା,୧।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ସହର ରାଣୀଗୁଡାସ୍ଥିତ ମା' ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ରାଣୀଗୁଡା ବ୍ରାହ୍ମଣ ସମାଜର ୪ର୍ଥ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ବ୍ରାହ୍ମଣ ସମାଜର ସଭାପତି ତଥା ବରିଷ୍ଠ ଆଇନଜୀବୀ ମଦନ ମୋହନ ପାଢ଼ୀ, ଜିଲା ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା, ସଭ୍ୟ ରାଜକିଶୋର ପଣ୍ଡା, ରାଜେଶ ପାଢ଼ୀ, ପ୍ରଶାନ୍ତ ତ୍ରିପାଠୀ, ଅଜୟ ରଥ, ଜଗଦୀଶ ପଣ୍ଡା, ଅଶୋକ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ରାଣୀଗୁଡ଼ା ବ୍ରାହ୍ମଣ ସମାଜର ସଭାପତି ଭାବେ ରାମକୃଷ୍ଣ ପଣ୍ଡା, ସନ୍ତୋଷ ପତି, ସମ୍ପାଦକ ଭାବେ ପ୍ରଶାନ୍ତ ଦାସ, ଉପସଭାପତି ଭାବେ ସୁବାସ ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ଭାବେ କିଶୋର ପାଣିଗ୍ରାହୀ, କାର୍ଯ୍ୟକାରିଣୀ ସଭ୍ୟ ଭାବେ ରାଜେନ୍ଦ୍ର ସାବତ, ସଭ୍ୟ ଭାବେ ମିନାକ୍ଷୀ ପାଣିଗ୍ରାହୀ, ନୃସିଂହ ପ୍ରସାଦ ଷଡଙ୍ଗୀଙ୍କ ନାମ ସର୍ବସମ୍ମତିକ୍ରମେ ଘୋଷଣା କରାଯାଇଥିଲା। ଏହା ସହ ଜିଲା ବ୍ରାହ୍ମଣ ସମାଜ ସହ ଅନୁବନ୍ଧିତ ପଞ୍ଜିକୃତ ପତ୍ର ପ୍ରଦାନ କରିଛନ୍ତି ।

## ଏଡ୍‌ସ ମୂଳୋତ୍ପାଟନ ପାଇଁ ସଚେତନତା ସବୁଠୁ ବଡ଼ ଔଷଧ

**ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏଡ୍‌ସ ଦିବସ**

ରାୟଗଡ଼ା, ୧।୧୨ (ଭାଗ୍ୟଶ୍ରୀ ମିଶ୍ର )

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ କକ୍ଷରେ ଯୁବ ରେଡକ୍ରସ ତରଫରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ସକାଳ ୮ଟା ୩୦ ରେ ଯୁବ ରେଡକ୍ରସ, ଏନ.ସି.ସି, ଏନ୍‌ଏସ୍‌ଏସ ସ୍ୱେଚ୍ଛାସେବୀ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା ଶୋଭାଯାତ୍ରା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଡ. ଆନନ୍ଦ ପାଢ଼ୀ ଓ ଡ. ଭେଙ୍କଟରମଣ ଯୋଗଦେଇ ଏଡ୍‌ସ ମୂଳୋତ୍ପାଟନ ପାଇଁ ସଚେତେନତା ସବୁଠୁ ବଡ଼ ଔଷଧ ବୋଲି କହିଥିଲେ। ଏଡ୍‌ସ ରୋଗରୁ କେମିତି ସଚେତନ ହେବା ଓ ସୁସ୍ଥ ରହିବା ବିଷୟରେ ଅବଗତ କରାଇଥିଲେ । ପରେ କଲେଜ ଅଧ୍ୟକ୍ଷା ଡ. ବବିଲତା ସରାଫ ଅଭିଭାଷଣ ଦେଇ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ପୂର୍ବରୁ ଏଡ୍‌ସ ଦିବସ ଉପଲକ୍ଷେ ଚିତ୍ରାଙ୍କନ, ରଙ୍ଗୋଲୀ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିବା ସହ ପ୍ରମାଣପତ୍ର ଦେଇଥିଲେ। କାର୍ଯ୍ୟକ୍ରମରେ ଯୁବ ରେଡକ୍ରସର କାଉନସିଲର ପ୍ରଶାନ୍ତ କୁମାର ସାହୁ, ତୃପ୍ତିମୟୀ ଭୋଇ, ଏନ.ଏସ.ଏସ୍ ପ୍ରୋଗ୍ରାମ ଅଫିସର ମୋନାଲିସା ପାଣିଗ୍ରାହୀ, ଏନ.ସି.ସି ଅଫିସର ଲୁନାଷ୍ଟ ଉଦୟ ନାଏକ, ଡ. ସରସତୀ ରାୟଙ୍କ ସହ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥି କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା




ଅମ୍ବାଦଳା,୧।୧୨ (ରବୀନ୍ଦ୍ର ପଣ୍ଡା)

ମୁନିଗୁଡା ବ୍ଲକ ଅମ୍ବାଦଳା ମଣ୍ଡଳ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ସାମନ୍ତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ମୁନିଗୁଡା ବିଇଓ ଭି. ଭାସ୍କର ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଷମକଟକ ବିଧାୟକ ନୀଳମାଧବ ହିକକା ଯୋଗଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବେ ଏମ୍‌ପି ପ୍ରତିନିଧି ରଜନୀକାନ୍ତ ପୋଡାଲ, ଅବସରପ୍ରାପ୍ତ ଶିକ୍ଷକ ହରିହର ଯାଦବ, ରାଜେନ୍ଦ୍ର ସାହୁ, ଶଶିରେଖା ବଳ, ଶାନ୍ତିଲତା ଜେନା, ବିପିନ ବିହାରୀ କର ଓ ବିଜୟା ନନ୍ଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅମ୍ବାଦଳାଠାରେ ଏକ ଶିକ୍ଷକ ଭବନ ନିର୍ମାଣ ନିମନ୍ତେ ବିଧାୟକ ଶିଳାନ୍ୟାସ କରିଥିଲେ। ଶିକ୍ଷକ ଭବନ ନିର୍ମାଣ ପାଇଁ ଶିକ୍ଷକ ପ୍ରିନ୍ସ ମହାପାତ୍ର ଜମି ଦାନ କରିଥିଲେ। ବିଧାୟକ ଅବସରଗ୍ରହଣ କରିଥିବା ଶିକ୍ଷକଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ହେମନ୍ତ ମିଶ୍ର ଓ ଅକ୍ଷୟ କୁମାର ରଥ ପରିଚାଳନା କରିଥିଲେ। ସନ୍ତୋଷ କୁମାର ପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପିଏମ୍ ଆବାସ ଯୋଜନାକୁ ନେଇ ସଚେତନତା ରଥ

ଗୁଣପୁର,୧।୧୨(ପ୍ରଦୀପ କୁମାର ପାଢୀ)

ଗୁଣପୁର ବ୍ଲକ୍ ଅଫିସଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବିଷୟରେ ସଚେତନତ କରିବା ନେଇ ଏକ ରଥ ରବିବାର ଉଦ୍‌ଘାଟିତ ହୋଇଛି। ବ୍ଲକର ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନ ପତକା ଦେଖାଇ ରଥର ଶୁଭାରମ୍ଭ କରଥିଲେ। ଆବାସ ଯୋଜନାରେ ଆଶାୟୀ ଯୋଗ୍ୟ ପରିବାର ଆବାସ ଆପ୍‌ରେ ନିଜର ସର୍ଭେ ନିଜେ କରିବା ଏବଂ ବ୍ଲକ କର୍ମଚାରୀଙ୍କ ଜରିଆରେ ସର୍ଭେ କରିବା ନିମନ୍ତେ ହେବାକୁ ଥିବା ପଞ୍ଚାୟତ ସମୀକ୍ଷା କର୍ମଶାଳା ବିଷୟରେ ବହୁଳ ପ୍ରଚାର ପ୍ରସାର ସମ୍ପର୍କରେ ୫ଟି ରଥର ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିପିସି ଅମୃତ ନାୟକ, ଭାରପ୍ରାପ୍ତ ଜିପିଇଓ ପି.ଦିବାକର ରାଓ, ପଞ୍ଚାୟତର ସମସ୍ତ ପିଇଓ ଉପସ୍ଥିତ ଥିଲେ। ପଞ୍ଚାୟତସ୍ତରୀୟ କର୍ମଶାଳା ୧୦ଟି ପଞ୍ଚାୟତରେ ସୋମବାର ଏବଂ ଅନ୍ୟ ୯ ପଞ୍ଚାୟତରେ ମଙ୍ଗଳବାର ହେବାକୁ ସ୍ଥିର କରାଯାଇ ସଚେତନ ରଥ ପ୍ରସାର ପାଇଁ ବାହାରିଥିଲା।


ରଥକୁ ବିଡିଓ ପତକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

## ମୁନିଗୁଡ଼ା ଦେଇ ପୁରୀକୁ ଗଡ଼ିବ ଜଗନ୍ନାଥ ଏକ୍ସପ୍ରେସ୍ ବସ

ମୁନିଗୁଡ଼ା,୧।୧୨
(ନନ୍ଦ କିଶୋର ପଟ୍ଟନାୟକ)

କଳାହାଣ୍ଡି ଜିଲା ସଦର ମହକୁମାରୁ ଅମ୍ବାଦଳା, ମୁନିଗୁଡ଼ା, ବିଷମକଟକ ଦେଇ ଜଗନ୍ନାଥ ଏକ୍ସପ୍ରେସ୍ ବସ ଶ୍ରୀକ୍ଷେତ୍ରର ପୁରୀ ଧାମକୁ ଯାତ୍ରା କରିବ ବୋଲି ଜଣାପଡିଛି । ବହୁ ଦିନରୁ ମୁନିଗୁଡ଼ା ଓ ବିଷମକଟକ ବ୍ଲକ୍‌ବାସୀଙ୍କ ଏହି ଦାବିକୁ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମଞ୍ଜୁରୀ ଦେଇଥିବାରୁ ଅଞ୍ଚଳର ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ସୂଚନା ଅନୁଯାୟୀ, ରାଜ୍ୟ ପରିବହନ ବିଭାଗ ତରଫରୁ ପ୍ରତ୍ୟହ ଜଗନ୍ନାଥ ଏକ୍ସପ୍ରେସ୍ ବସ ସେବା ଯୋଗାଇ ଦେବାକୁ ବିଷମକଟକ ଭାଜପା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡୁକା ଜୁଲାଇ ୨୬ରେ ମନ୍ତ୍ରୀ ଜେନାଙ୍କୁ ଅନୁରୋଧ କରିଥିଲେ। ଶନିବାର ଏ ନେଇ ନୁଣ୍ଡୁକା ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା, ସ୍ଥାନୀୟ ଯୁବନେତା ଚିତ୍ରସେନ ସୁନା ପ୍ରମୁଖ ଭୁବନେଶ୍ୱର ଯାଇ ମନ୍ତ୍ରୀଙ୍କୁ ଦେଖା କରିବା ସହିତ ଭକ୍ତଙ୍କ ଭାବାବେଗ ଜଣାଇଥିଲେ। ମନ୍ତ୍ରୀ ଜେନା ଏହି ଅନୁରୋଧକୁ ସମ୍ମାନ ଜଣାଇ ଯାତ୍ରାର ସୀକୃତି ଦେଇଥିବା ଜଣାପଡିଛି ।

## ପତଞ୍ଜଳି ପୀଠରେ ରାୟଗଡାର ୭ ଜଣ ଯୋଗ ପ୍ରଶିକ୍ଷକ ବିବେଚିତ

ଜେକେପୁର (ରାଜେଶ ବିଶ୍ୱାଳ)

ଉତ୍ତରାଖଣ୍ଡ ହରିଦ୍ୱାର ପତଞ୍ଜଳି ଯୋଗ ପୀଠରେ ନଭେମ୍ବର ୨୩ରୁ ୨୭ ଯାଏ ପାଞ୍ଚ ଦିବସୀୟ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ରାୟଗଡ ଜିଲା ପାଇଁ ୭ଜଣଙ୍କୁ ମୁଖ୍ୟ ଯୋଗ ଶିକ୍ଷକ ଭାବେ ଦାୟିତ୍ୱ ଦିଆଯାଇଛି। ରାୟଗଡ଼ାର ବିନୟ ସ୍ୱାଇଁ, ଜେକେପୁରର ସୁଶାନ୍ତ ପଣ୍ଡା, କୋଲନରାର କିଶୋର ଦୋରା, ରାମନାଗୁଡାର ରାକେଶ ବେହେରା, ଗୁଣପୁରର ରବୀନ୍ଦ୍ର ଚୌଧୁରୀ ଏବଂ ରାଜେଶ ଭାଇଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବା ପତଞ୍ଜଳି ଯୋଗ ସମିତିର ରାୟଗଡ଼ା ପ୍ରଭାରୀ ଜୟନ୍ତ ଗୁରୁ ସୂଚନା ଦେଇଛନ୍ତି। ଜିଲାରେ ଯୋଗର ପ୍ରଚାର ପ୍ରସାର ତଥା ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି ଓ ସ୍ୱଦେଶୀ ବିଚାର ବିସ୍ତାର ପାଇଁ ଏମାନେ କାର୍ଯ୍ୟ କରିବେ ବୋଲି ଜଣାପଡିଛି। ସ୍ୱାମୀ ରାମଦେବଙ୍କ ଦ୍ୱାରା ଏହି ଯୋଗ ଶିବିର ସଞ୍ଚାଳନ କରାଯାଇଥିବା ବେଳେ ପ୍ରମାଣପତ୍ର ଓ ରୁଦ୍ରାକ୍ଷ ମାଳା ପ୍ରଦାନ କରାଯାଇଥିଲା। ଯୋଗୀ ଶ୍ରୀ ଚୈତନ୍ୟ ରାମ ଏବଂ କ୍ରାନ୍ତିବାବା ଅଭିନନ୍ଦନ ଜଣାଇଛନ୍ତି ।

## ବିଶେଷାଙ୍କ 'ଡଙ୍ଗରର ପ୍ରତିଧ୍ୱନୀ' ଉନ୍ମୋଚନକୁ ନେଇ ପ୍ରସ୍ତୁତି ବୈଠକ

ମୁନିଗୁଡ଼ା,୧।୧୨ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ାର ଶୌଣ୍ଡିକ ମଙ୍ଗଳ ଭବନ ପରିସରରେ ସାହିତ୍ୟ ସଂସଦ ଉପଦେଷ୍ଟା ଅକ୍ଷୟ ମଲ୍ଲିକଙ୍କ ଅଧ୍ୟକ୍ଷତା ଓ ପତ୍ରିକାର ମୁଖ୍ୟ ସମ୍ପାଦକ ମନୋରଞ୍ଜନ ଦଲାଇଙ୍କ ସଂଯୋଜନାରେ ସଂସଦର ବାର୍ଷିକ ବିଶେଷାଙ୍କ ଡଙ୍ଗରର ପ୍ରତିଧ୍ୱନୀ ଉନ୍ମୋଚନକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ପତ୍ରିକା ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଏବଂ ପ୍ରଚାର ପ୍ରସାର କ୍ଷେତ୍ରରେ ଅନ୍ୟତମ ଶ୍ରେଷ୍ଠ ପତ୍ରିକା ହେବ ବୋଲି ଉପଦେଷ୍ଟା ମଲ୍ଲିକ ପ୍ରକାଶ କରିଥିଲେ। ପତ୍ରିକାର କଳେବର, ପ୍ରଚ୍ଛଦପଟ୍ଟ ସହିତ ସାହିତ୍ୟର ବିଭିନ୍ନ ବିଭାଗରେ ସ୍ଥାନିତ ଲେଖା, ଉତ୍ସବ ସ୍ଥାନ, ବିଜ୍ଞାପନ ଏବଂ ନିମନ୍ତ୍ରିତ ଅତିଥିଙ୍କ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ପତ୍ରିକାରେ ରାଜ୍ୟର ବିଭିନ୍ନ ଅଞ୍ଚଳର ପ୍ରତିଷ୍ଠିତ ଲେଖକଙ୍କ ବ୍ୟତୀତ ସ୍ଥାନୀୟ ଅଞ୍ଚଳର ନବାଗତ ଲେଖକଙ୍କ ଲେଖାକୁ ସ୍ଥାନିତ କରାଯାଇଥିବା ନେଇ ମୁଖ୍ୟ ସମ୍ପାଦକ ଦଳାଇ ସୂଚନା ଦେଇଥିଲେ। ବୈଠକରେ ପତ୍ରିକାର ସମ୍ପାଦକ ମଣ୍ଡଳୀ କାଳନ୍ଦୀ ଚରଣ ନାୟକ, ଉପଦେଷ୍ଟା ରାଜକିଶୋର ବେହେରା, କୋଷାଧ୍ୟକ୍ଷ ଶିକ୍ଷକ ଗୌରାଙ୍ଗ ଚରଣ ରାଉତ, ସଂସଦର ସହ ସମ୍ପାଦକ ସୁବାସ କୁରା, କୃଷ୍ଣଚନ୍ଦ୍ର ମଲ୍ଲିକ,ଅଶ୍ୱିନୀ ବାରିକ, ଅଜିତ ମହାରଣା, କବି ଗଣେଶ ସେଠି, ଧନୁ କୁଶୁଲିଆ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ନିଜ ନିଜର ମତ ରଖିଥିଲେ।


ବୈଠକରେ ଉପସ୍ଥିତ ସାହିତ୍ୟ ସଂସଦର କର୍ମକର୍ତ୍ତା।

## ମହିଳାଙ୍କ ମଧ୍ୟରେ ରନ୍ଧନ ଖାଦ୍ୟ ପ୍ରତିଯୋଗିତା

ରାୟଗଡା,୧।୧୨ (ଭାଗ୍ୟଶ୍ରୀ ମିଶ୍ର)

ସେନ୍ସ ଅଫ ଡିଉଟି ଅଭିଯାନ ଏବଂ ତୈଳ କମ୍ପାନୀ ଏଚପିସିଏଲ୍, ବିପିସିଏଲ୍ ଏବଂ ଆଇଓସିଏଲର ମିଳିତ ଉଦ୍ୟମରେ ମହିଳାଙ୍କ ମଧ୍ୟରେ ଆମ ରୋଷେଇ ଆମ ଦାୟିତ୍ୱକୁ ନେଇ ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପଠାରେ ରନ୍ଧନ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଘରେ ମହିଳାମାନେ ଏଲ୍‌ପିଜି ଗ୍ୟାସ୍ ବ୍ୟବହାର କରି ରୋଷେଇ କରିବା ସମୟରେ କିପରି ସାବଧାନ ରହିବେ ଏବଂ ସତର୍କତା ଅବଲମ୍ବନ କରିବେ ସେ ବିଷୟରେ ଆଲୋଚନା ହୋଇଥିଲା । ଏହି ଅବସରରେ ଏକ ରନ୍ଧନ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ୧୫ ଜଣ ଗୃହିଣୀ ଅଂଶ ଗ୍ରହଣ କାରି ପାରମ୍ପରିକ ଖାଦ୍ୟଠାରୁ ଆରମ୍ଭ କାରି ଅନ୍ତର୍ଜାତୀୟ ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶନୀ କରିଥିଲେ । ପିଲାଙ୍କ ପାଇଁ ଅରୁଚିକର ଖାଦ୍ୟକୁ କିପରି ସ୍ୱାଦିଷ୍ଟ ବନାଇବା ସେସବୁକୁ ମହିଳାମାନେ ନିଜର ଖାଦ୍ୟ ମାଧ୍ୟମରେ ପ୍ରଦର୍ଶନୀ କରିଥିଲେ। ମାଣ୍ଡିଆ ମଣ୍ଡା, ଖେଚୁଡ଼ି, ଗାଜର ବିଟ୍ ରୁଟଠୁ ଆରମ୍ଭ କାରି ସ୍ୱାସ୍ଥ୍ୟ ପାଇଁ ଉପକାରୀ ପନିପରିବାରେ ବିଭିନ୍ନ ସୁସ୍ୱାଦକର ଖାଦ୍ୟ ପ୍ରସ୍ତୁତ କରିଥିଲେ। ଏହାସହ ଯେଉଁ ମହିଳା ରୋଷେଇ ସମୟରେ ସ୍ୱଚ୍ଛତା, ନିରାପତ୍ତାକୁ ଅଧିକ ଧ୍ୟାନ ଦେଇଛନ୍ତି ସେମାନଙ୍କୁ ପୁରସ୍କାର ଦିଆଯାଇଛି । କ୍ୟାପଟେନ ରୀତା ରାଣୀ ଏବଂ ସତ୍ୟସାଇ ବିଚାରପତି ଭାବେ କାର୍ଯ୍ୟକ୍ରମ ତୁଲାଇଥିଲେ । ପ୍ୟାନେଲରେ ଅଂଶ ଗ୍ରହଣ କରିଥିବା ମହିଳାଙ୍କୁ ଏଲ୍‌ପିଜି ସୁରକ୍ଷା, ଖାଦ୍ୟର ଗୁଣବତ୍ତା, ଉପସ୍ଥାପନା ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ମୂଲ୍ୟାଙ୍କନ କରାଯାଇଥିଲା । ପ୍ରତିଯୋଗିତାରେ କରିସ୍ମା ମିଶ୍ର ପ୍ରଥମ, ଲଳିତା ଦୋରା ଦ୍ୱିତୀୟ, ନମିତା ପାଢ଼ୀ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି ।


ରନ୍ଧନ ପ୍ରତିଯୋଗିତାରେ ମହିଳାମାନେ ପ୍ରସ୍ତୁତ କରିଥିବା ବିଭିନ୍ନ ଖାଦ୍ୟ ପ୍ରଦର୍ଶନ କରୁଛନ୍ତି।

# ସଚେତନତା ହିଁ ଏଡ୍‌ସର ପ୍ରକୃତ ନିଦାନ

## ବିଭିନ୍ନ ସ୍ଥାନରେ ବିଶ୍ୱ ଏଡ୍‌ସ ଦିବସ ପାଳିତ

ନବରଙ୍ଗପୁର/ଝରିଗାଁ/କୋଡ଼ିଙ୍ଗା,୧।୧୨ (ସଦାଶିବ ପ୍ରହରାଜ/କିଶୋର ଚନ୍ଦ୍ର ମଣ୍ଡଳ/ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ରବିବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆର୍‌ସିଡି ଉଚ୍ଚ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ସକାଳ ୮ଟାରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଏନ୍‌ସିସି, ସ୍କାଉଟ, ପୋଲିସ ଷ୍ଟାଫ, ବିଏସ୍‌ଏଫ ଯବାନ, ଆଶାକର୍ମୀ, ସମସ୍ତ ମହାବିଦ୍ୟାଳୟର ଅଧ୍ୟାପକଙ୍କୁ ନେଇ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୌର ଅଧ୍ୟକ୍ଷ କୁନୁ ନାୟକ, ନିମନ୍ତ୍ରିତ ଅତିଥି ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନବକିଶୋର ବେହେରା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଳୟ କୁମାର ତ୍ରିପାଠୀ, ଡିଆଇପିଆର୍‌ଓ ମନୋଜ କୁମାର ବେହେରା, କ୍ଲଷ୍ଟର୍ କାର୍ଯ୍ୟକ୍ରମ ପରିଚାଳକ ଚନ୍ଦ୍ରଶେଖର ପଟ୍ଟନାୟକ, ଗ୍ରାମ୍ୟ ବିକାଶ ସଂଗଠନର ଈଶ୍ୱର ପ୍ରସାଦ ସାବତ, ଜିଲା ଭିବି କନସଲଟାଣ୍ଟ ଦିନେଶ କୁମାର ପ୍ରହରାଜ, ସାମାଜିକ କର୍ମୀ ମନୋରମା ମାଝୀ ପ୍ରମୁଖ ଯୋଗଦେଇ ସଚେତନତା ହିଁ ଏଡ୍‌ସର ପ୍ରକୃତ ନିଦାନ ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଦସ୍ତଖତ ଅଭିଯାନ କରାଯାଇଥିଲା। ସନ୍ଧ୍ୟାରେ ଏଚ୍‌ଆଇଭି, ଏଡ୍‌ସ ଜନିତ ରୋଗରେ ପ୍ରାଣ ହରାଇଥିବା ଲୋକଙ୍କ ଆତ୍ମାର ସଦ୍‌ଗତି ପାଇଁ ମହାତ୍ମା ଗାନ୍ଧୀଙ୍କ ସ୍ମୃତିସ୍ତମ୍ଭଠାରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା।

ଝରିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ନଗର ପରିକ୍ରମା କରି ଏଡ୍‌ସ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଶିବ ପ୍ରସାଦ


ଏଡ୍ ସଚେତନତା ନେଇ ଶୋଭାଯାତ୍ରା।

ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଚନ୍ଦନ ସାହୁ ଯୋଗଦେଇ ଏଡ୍‌ସର କାରଣ ଓ ନିରାକରଣ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଗୋପାଳ ମହାରଣା,ଶଙ୍କର କୁମାର ନାଲା, ତୁଷାରୀ କୁମାରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ 'ଏଡ୍‌ସ ଏକ ମହାମାରୀ କି..' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା, ଏଡ୍‌ସ ରୋଗର କାରଣ ଓ ନିରାକରଣ ଶୀର୍ଷକ ପ୍ରବନ୍ଧ ଲିଖନ ଏବଂ ଏଡ୍‌ସ ସମ୍ପର୍କରେ ବିବିଧ ପ୍ରଶ୍ନଉତ୍ତର ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଯୁବ ରେଡକ୍ରସ କାଉନସିଲର ଅଧ୍ୟାପକ ସନ୍ତୋଷ କୁମାର ଖିଲାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

କୋଷାଗୁମୁଡା ବ୍ଲକ କୋଡ଼ିଙ୍ଗାସ୍ଥିତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ,ରେଡ ରିବନ କ୍ଲବ ଏବଂ କୋଡିଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ସହଯୋଗରେ ଏଡ୍‌ସ ଦିବସ ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠାନର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଗ୍ରାମ ପରିଭ୍ରମଣ କରି ଲୋକଙ୍କୁ ସଚେତନ କରିଥିଲେ। ରାଲିକୁ ଥାନା ଅଧିକାରୀ ଯୁଗଳ ଶବର, ଅଧ୍ୟକ୍ଷା ଅମିତା ରାୟ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ଅନୁଷ୍ଠାନର ସମ୍ମିଳନୀ କକ୍ଷଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କୋଡିଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଅନୁରାଧା ଦାସ ମୁଖ୍ୟବକ୍ତା, କୋଡିଙ୍ଗା ଥାନା ଭାରପ୍ରାପ୍ତ ଅଧିକାରୀ ଯୁଗଳ ଶବର, ଫାର୍ମାସିଷ୍ଟ ହରିହର ପୂଜାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଡ୍‌ସର ମୂଳ ଉତ୍ପାଟନ ପାଇଁ ସଚେତନତା ହେଉଛି ସବୁଠାରୁ ବଡ଼ ଔଷଧ ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରିଥିଲେ। କୋଡ଼ିଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ଆଞ୍ଚଳିକ ଭାଷାରେ ପଥପ୍ରାନ୍ତ ନାଟକ ଆୟୋଜନ କରଯାଇଥିଲା।

## ମଣ୍ଡେଇ ମଞ୍ଚ ନାଟକ ତୃତୀୟ ସନ୍ଧ୍ୟାରେ 'ଏକ ସନ୍ତାନ' ମଞ୍ଚସ୍ଥ

ନବରଙ୍ଗପୁର,୧।୧୨(ସଦାଶିବ ପ୍ରହରାଜ)

ମଣ୍ଡେଇ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଟେଲି ଫିଲ୍ମ ନିର୍ଦ୍ଦେଶକ ତଥା ମଞ୍ଚ ନାଟକ ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ ନିର୍ଦ୍ଦେଶିତ ଏବଂ ନାଟ୍ୟକାର ସର୍ବେଶ୍ୱର ତ୍ରିପାଠୀଙ୍କ ରଚନାରେ ସାମାଜିକ ନାଟକ 'ଏକ ସନ୍ତାନ' ପରିବେଷିତ ହୋଇଛି। ଗୋଟିଏ ସନ୍ତାନର ପରମ୍ପରା ଆଳରେ ଭବିଷ୍ୟତରେ ମା'ବାପା କିପରି ହଇରାଣ ହେଉଛନ୍ତି ଏହି ବିଷୟ ଉପରେ ପରିବେଷିତ ନାଟକର ସମସ୍ତ କଳାକାର ଜୀବନ୍ତ ଅଭିନୟ କରି ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ନାଟକରେ ଯୁଗଳ କିଶୋର ତ୍ରିପାଠୀ, ମୁରଲୀ ପଟ୍ଟନାୟକ ଏବଂ ଅଶୋକ ମହାନ୍ତି ସଙ୍ଗୀତ ପରିଚାଳନା କରିଥିଲେ। ଯୁବ କଣ୍ଠଶିଳ୍ପୀ ଉଦିତ ଭାନୁ କଣ୍ଠଦାନ କରିଥିଲେ। ନାଟକରେ ତେନ୍ତୁଳିଖୁଣ୍ଟି ବିଡ଼ିଓ ମନୋଜ କୁମାର ପାଣିଗ୍ରାହୀ, ଚନ୍ଦ୍ରଭାନୁ ସତ୍ପଶଲ୍ୟ, ସଞ୍ଜୀବ ସିଂ, ବୁଲୁ ପାଢ଼ୀ, ନିର୍ମଳ ସାହୁ, ଗଙ୍ଗା, ଅନିଶା, ସୁନେମି, ପ୍ରତ୍ୟୁଷ ମଲ୍ଲିକ ଏବଂ ଅରୁଣ ଦାସ ଅଭିନୟ କରିଥିବା ବେଳେ ତୁଷାର କାନ୍ତି ଖୋସଲା ଏବଂ ଆଶାନନ୍ଦ ଗରଡ଼ା ସହଯୋଗ କରିଥିଲେ। ତେନ୍ତୁଳିଖୁଣ୍ଟି ବ୍ଲକ୍ ପ୍ରଯୋଜନା କରୁଥିବାବେଳେ ତ୍ରିଶକ୍ତି ସାଂସ୍କୃତିକ ସଂଘ ଏହା ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଘସିଆ ହରିଜନ, ବରିଷ୍ଠ କଳାକାର ଦେବାଶ ମହାକୁଡ଼, ପ୍ରକାଶ ସାମନ୍ତରାୟ, ସୁରେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପରେ ନନ୍ଦାହାଣ୍ଡି ବ୍ଲକର ମଞ୍ଚ ନାଟକ ଗରଣ୍ଡି ମଞ୍ଚସ୍ଥ ହୋଇଥିଲା। ନାଟକ ଦେଖିବା ପାଇଁ ସ୍ଥାନୀୟ ଲୋକ ଓ କଳା ପ୍ରେମୀଙ୍କ ଭିଡ଼ ଜମିଥିଲା।


ମଞ୍ଚସ୍ଥ 'ଏକ ସନ୍ତାନ' ନାଟକର ଏକ ଦୃଶ୍ୟ।

## ବାଇକ୍ ଦୁର୍ଘଟଣା, ୩ ଗୁରୁତର

ଡାବୁଗାଁ, ୧।୧୨ (ପ୍ରଜ୍ଞାରଞ୍ଜନ ପରିଡା)

ଡାବୁଗାଁ ବ୍ଲକ ଅଧୀନ ଚିକିଲି ଛକ ନିକଟରେ ରବିବାର ଅପରାହ୍ନରେ ବାଇକ୍ ଦୁର୍ଘଟଣାରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ଡାବୁଗାଁରୁ ନିଜ ଗ୍ରାମ କକଡାଗୁଡା ଯାଉଥିବା ସମୟରେ ଚିକିଲି ଗ୍ରାମ ଛକ ନିକଟରେ ଥିବା ନଦୀରେ ପୋଲ ପୂର୍ବରୁ ଗାର୍ଡ ପୋଷ୍ଟରେ ଭାରସାମ୍ୟ ହରାଇ ପିଟି ହୋଇଯାଇଥିଲେ। ଫଳରେ ୩ଜଣଙ୍କ ଗୋଡ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ଆହତମାନେ ହେଲେ କକଡାଗୁଡା ଗ୍ରାମର ମଧୁ ଗୌଡ଼, ଈଶ୍ୱର ଗୌଡ଼ ଓ ରାଜଶ ଗୌଡ଼। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ର ଅବସ୍ଥା ଗୁରୁତ୍ୱର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଡାବୁଗାଁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## ଉମରକୋଟ ବ୍ଲକ୍‌ସ୍ତରୀୟ ମଣ୍ଡେଇ

- ଉତ୍ସବକୁ ବର୍ଜନ କଲେ ସରପଞ୍ଚ, ସମିତି ସଭ୍ୟ
- ଖବରଦାତାଙ୍କୁ ଅସମ୍ମାନ ଅଭିଯୋଗ

ଉମରକୋଟ,୧।୧୨ (ସନ୍ତୋଷ ଶତପଥୀ)

ଉମରକୋଟଠାରେ ବ୍ଲକ ଓ ପୌର ପରିଷଦସ୍ତରୀୟ ମଣ୍ଡେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିରାଟ ମଶାଲ ଶୋଭାଯାତ୍ରା ସ୍ଥାନୀୟ ପେଣ୍ଡ୍ରାଣୀ ମନ୍ଦିରରୁ ବାହାରି ଡିଏନ୍‌କେ ପଡିଆଠାରେ ପହଞ୍ଚିଥିଲା। ଉମରକୋଟ ବିଡ଼ିଓ ଲକ୍ଷ୍ମୀ ସାଗର ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଥିଲେ। ମଣ୍ଡେଇ ପର୍ବ ଦ୍ୱାରା ଆଦିବାସୀଙ୍କ ଆର୍ଥିକ, ସାମାଜିକ ସ୍ଥିତିରେ ସୁଦୃଢ ହେଉଛି ବୋଲି ମନ୍ତ୍ରୀ କହିଥିଲେ। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଉମରକୋଟ ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝି, ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ଉମରକୋଟ ପୌର ପରିଷଦର ଅଧ୍ୟକ୍ଷା ରାଧା ଭତ୍ରା, ଜିଲା ପରିଷଦ ଉପ ସଭାପତି ଲିପିକା ବାରୋଇ, ଝରିଗାଁ ବିଧାୟକଙ୍କ ପ୍ରତିନିଧି ସୋନା ମାଝି, ଏମ୍‌ପି ପ୍ରତିନିଧି


ମଣ୍ଡେଇ ଉତ୍ସବରେ ଉପସ୍ଥିତ ଅତିଥି।

ରାମ ନାୟକ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ପୂର୍ବତନ ନଗରପାଳ ଝାଡେଶ୍ୱର ମହାନ୍ତି, ପୂର୍ବତନ ନଗରପାଳ ପି.ରାବଣା ରାଓ, ଜିଲା ପରିଷଦ ସଭ୍ୟା ଛାୟାରାଣୀ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ।

ଅପରପକ୍ଷରେ ମଣ୍ଡେଇ ଉତ୍ସବକୁ ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟମାନେ ବର୍ଜନ କରିଥିଲେ। ସମିତି ସଭ୍ୟ ସଂଘ ସଭାପତି ବିକ୍ରମ ସିଂ ଅଭିଯୋଗ କରିଥିଲେ, ଦୀର୍ଘ ୧୨ ବର୍ଷ ପରେ ଉମରକୋଟରେ ବ୍ଲକସ୍ତରୀୟ ମଣ୍ଡେଇ ପାଳନ ହେଉଛି। ମଣ୍ଡେଇ ପାଳନ ପାଇଁ ବିଭିନ୍ନ କମିଟି ଗଠନ କରାଯାଇ ସେଥିରେ କିଛି ସମିତି ଓ ସରପଞ୍ଚଙ୍କୁ ରଖାଯାଇଥିଲା। ପ୍ରତି ପଞ୍ଚାୟତରୁ ୧୫ ହଜାର ଟଙ୍କା ଦିଆଯାଇଛି। କିନ୍ତୁ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରିବାବେଳେ ସ୍ଥାନୀୟ ପ୍ରଶାସନ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ପଚାରିଲେ ନାହିଁ କି ଶୋଭାଯାତ୍ରାରେ ଆସିବା ପାଇଁ ନିମନ୍ତ୍ରଣ ମଧ୍ୟ କଲେନାହିଁ। ତେଣୁ କାର୍ଯ୍ୟକ୍ରମକୁ ବର୍ଜନ କରିବା ସହ ଆସି ନ ଥିଲୁ ବୋଲି କହିଛନ୍ତି। ଅପରପକ୍ଷେ ଉତ୍ସବ ସ୍ଥଳରେ ଖବରଦାତାଙ୍କ ବସିବା ପାଇଁ କୌଣସି ବ୍ୟବସ୍ଥା ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇ ନଥିବାରୁ ଖବରଦାତାମାନେ ଦୃଢ ପ୍ରତିବାଦ କରି ସଭା ମଞ୍ଚ ସମ୍ମୁଖରେ ତଳେ ବସି ପଡିଥିଲେ। ଶେଷରେ ମନ୍ତ୍ରୀ, ବିଧାୟକ , ବିଡିଓ ଓ ପୌର ନିର୍ବାହୀ ଅଧିକାରୀ ଖବରଦାତାଙ୍କୁ ବୁଝାଶୁଝା କରିବା ପରେ କାର୍ଯ୍ୟକ୍ରମରେ ସେମାନେ ଉପସ୍ଥିତ ରହିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢ଼ୀ ଯୋଗଦେଇ ଲୋକଙ୍କ ମନକୁ ଛୁଇଁଲା ଭଳି ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଓ ପୌର କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ୨ ପରିବର୍ତ୍ତେ ୧୦ରେ ଖୋଲିବ ଧାନମଣ୍ଡି

### ନବରଙ୍ଗପୁର ଜିଲାରେ ଧାନ ମଣ୍ଡି ଖୋଲିବା ତାରିଖ ଘୁଞ୍ଚିଲା

ନବରଙ୍ଗପୁର,୧।୧୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ଧାନ ମଣ୍ଡି ଖୋଲିବା ତାରଖକୁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ୨ ତାରିଖରେ ଆରମ୍ଭ ହେବାକୁ ଥିବା ମଣ୍ଡି ୧୦ ତାରିଖରେ ଖୋଲାଯିବ ବୋଲି ଭର୍ଚୁଆଲ ବେଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଜିଲାପାଳ ଶୁଭଙ୍କର ମହାପାତ୍ର, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏମ୍‌ପି ବଳଭଦ୍ର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା ପ୍ରମୁଖଙ୍କ ଉପସ୍ଥିତିରେ ଆଲୋଚନା କରି ଏହି ନିଷ୍ପତ୍ତି ନିଆଯାଇଛି।

ସୂଚନାଯୋଗ୍ୟ, ଗତ କିଛି ଦିନ ହେବ ଜିଲାରେ କୋହଲା ପାଗ ଲାଗି ରହିଥିବା ଯୋଗୁ ଚାଷୀଙ୍କ ଧାନ ଅମଳ ଅଟକି ରହିଛି। ଚାଷୀଙ୍କୁ ଟୋକନ ବି ଆସିନଥିଲା। ଅନ୍ୟପକ୍ଷେ ଜିଲାର ସାଂସ୍କୃତିକ ମହୋତ୍ସବ ମଣ୍ଡେଇ ଆସନ୍ତା ୬ରୁ ୧୦ ତାରିଖ ଅନୁଷ୍ଠିତ ହେବ। ମଣ୍ଡେଇ ମହୋତ୍ସବ ପାଇଁ ସମସ୍ତ ବିଭାଗ ବ୍ୟସ୍ତ ରହିଛି। ସୋମବାର ଧାନ ମଣ୍ଡି ଖୋଲିବାକୁ ଥିବାବେଳେ ରାଜ୍ୟ ମିଲର୍ସ ସଂଘର ବିଭିନ୍ନ ଦାବି ନେଇ ଆନ୍ଦୋଳନ ଚାଲୁ ରହିଥିବାରୁ ଜଣେ ବି ମିଲର୍ସ ଧାନ ଗ୍ରହଣ କରିବାପାଇଁ ଚୁକ୍ତି କରି ନ ଥିଲେ। ଯାହାକି ପ୍ରଶାସନର ଚିନ୍ତା ବାଇଦେଇଥିଲା। ସେହିପରି ଭାବେ ମଣ୍ଡି ଖୋଲିବା ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ଉପକରଣ ଯୋଗାଡ ହୋଇପାରି ନ ଥିଲା। ଏଭଳି ସ୍ଥିତିରେ ଆସନ୍ତା ୧୦ ତାରିଖକୁ ମଣ୍ଡି ଘୁଞ୍ଚିବା ନିଷ୍ପତ୍ତି ନେବା ପରେ ପ୍ରଶାସନକୁ ଆସ୍ୱସ୍ତି ମିଳିଛି। ଚଳିତ ଖରିଫ ମଣ୍ଡିରେ ଧାନ ବିକ୍ରି ପାଇଁ ୪୨,୪୧୧ ଜଣ ଚାଷୀ ପଞ୍ଜିକୃତ କରିଛନ୍ତି। ୧୩ ଗୋଟି ଲ୍ୟାମ୍ପସ ଓ ୪୪ ମହିଳା ସ୍ୱୟଂ ସହାୟକ ସଂସ୍ଥା ଓ ଦୁଇଟି ପାଣି ପଞ୍ଚାୟତ ଏହିପରି ଭାବେ ୫୯ ଗୋଟି ଧାନ ମଣ୍ଡିରେ ପ୍ରଥମ ପର୍ଯ୍ୟାୟରେ୧୩ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ରହିଛି।

## ହିନ୍ଦୁ ଜାଗରଣ ସମିତି ତରଫରୁ ଜିଲା କାର୍ଯ୍ୟକାରିଣୀ ବୈଠକ

ମାଲକାନଗିରି, ୧।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ହିନ୍ଦୁ ଜାଗରଣ ସମିତି ତରଫରୁ ଜିଲା କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱହିନ୍ଦୁ ପରିଷଦ ଜିଲା ସଭାପତି ନୀଳମଣି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜିଲା ସଂଯୋଜକ ଶଶୀଭୂଷଣ ମିଶ୍ର, ସମ୍ପାଦକ ବାଲାରାଜୁ ପାଢୀ, ଇସ୍କନ ସମିତି ଜିଲା ପ୍ରଭାରି ସୁଦାମ ଶ୍ୟାମଦାସ, ହିନ୍ଦୁ ଜାଗରଣ ସମିତି ପ୍ରଭାରି ଭାଗୀରଥି ଦଳେଇ, ଶୁଭ୍ରାଂଶୁ ଶେଖର ସାମଲ, ଜଗନ୍ନାଥ ବସ୍ତୁ, ଚୈତନ୍ୟ କର୍ମକାର, ମାଧବ କହ୍ନାଇ ଦାସ ଓ ଖଇରପୁଟ ବ୍ଲକ ପ୍ରଭାରି ଭଗବାନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବାଂଲାଦେଶରେ ବାସ କରୁଥିବା ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ବାଂଲାଦେଶ ଇସ୍କନ ଫାଉଣ୍ଡେଶନର ପ୍ରମୁଖ ଚିନ୍ମୟ ଦାସଙ୍କ ବିରୋଧରେ ସେଠାର ମୌଳବାଦୀ ଶାସକଙ୍କ ଦ୍ୱାରା ଷଡଯନ୍ତ୍ର ପୂର୍ବକ ଦେଶଦ୍ରୋହ ମାମଲାରେ ହୋଇଥିବା ଗିରଫଦାରିକୁ ସମସ୍ତେ ନିନ୍ଦା କରିବା ସହ ତୁରନ୍ତ ଚିନ୍ମୟ ଦାସଙ୍କୁ ଜେଲରୁ ମୁକୁଳେଇବା ପାଇଁ ଦାବି କରିଥିଲେ। ଏଭଳି ଘଟଣା ବିରୋଧରେ ଆସନ୍ତା ୭ ତାରିଖରେ ଏକ ବିଶାଳ ହିନ୍ଦୁ ଜନ ସମାଗମ ଆୟୋଜନ କରାଯାଇ ବାଂଲାଦେଶ ଘଟଣାଚକ୍ର ଉପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମାଲାକନଗିରି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ହୋଇଛି।


ବୈଠକରେ ହିନ୍ଦୁ ଜାଗରଣ କର୍ମକର୍ତ୍ତା।

## ସଂଘ ଗୃହକୁ ନେଇ ବାର୍ ଆସୋସିଏଶନ କରିଥିବା ଅଭିଯୋଗ ଭିତ୍ତିହୀନ

ମାଲକାନଗିରି, ୧।୧୨(ଦୁର୍ଯ୍ୟୋଧନ ପାତ୍ର)–ମାଲକାନଗିରି ଜିଲା ବାର୍ ଆସୋସିଏଶନର କେତେଜଣ ସଭ୍ୟ ଲୟର ଆସୋସିଏଶନ୍ ନିର୍ମାଣ କରୁଥିବା ଗୃହ ବାର୍ ଆସୋସିଏଶନର ଦାବି କରିବା ଭିତ୍ତିହୀନ ବୋଲି ବାର ଆସୋସିଏଶନ ସମ୍ପାଦକ ବିଜୁ ସରକାର ଗଣମାଧ୍ୟମକୁ ରବିବାର ଜଣାଇଛନ୍ତି। ଲୟର ଆସୋସିଏଶନ ଜମି ଓ ଏମ୍‌ପି, ବିଧାୟକଙ୍କ ପାଣ୍ଠି ଏବଂ ସଦସ୍ୟଙ୍କ ଦାନରେ ଗୃହ ନିର୍ମାଣ କରୁଛି। ଏଥିରେ ଜିଲା ବାର ଆସୋସିଏଶନର କୌଣସି ଭୂମିକା ନାହିଁ। କେତେକ ବାର୍ ଆସୋସିଏଶନ ସଭ୍ୟ ଓ ସଭାପତି ଶନିବାର ଜିଲାପାଳଙ୍କୁ ଯେଉଁ ଅଭିଯୋଗ କରିଛନ୍ତି ତାହା ସେମାନଙ୍କ ବ୍ୟକ୍ତିଗତ। ଏଥିରେ ବାର୍ ଆସୋସିଏଶନ ନାମ ଓ ସମ୍ପାଦକ ସେମାନଙ୍କ ସହ ନ ଥିବା ବେଳେ ଏକ ଚିଠିରେ ତାଙ୍କ ନାମ ବ୍ୟବହାର କରାଯାଇଛି। ଏହାକୁ ବାର୍ ଆସୋସିଏଶନ ସମ୍ପାଦକ ବିଜୁ ସରକାର ଖଣ୍ଡନ କରିଛନ୍ତି।

## ୨୦୩୦ ସୁଦ୍ଧା ଏଡ୍‌ସ ମୁକ୍ତହେବ ମାଲକାନଗିରି ଜିଲା


ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବାହାରିଥିବା ସଚେତନତା ରାଲି।

### ବିଶ୍ୱ ଏଡ୍‌ସ ଦିବସ

ମାଲକାନଗିରି,୧।୧୨(ଗୌରୀଶଙ୍କର ପଣ୍ଡା)

ମାଲକାନଗିରି ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ରବିବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ରାଲି ସହର ପରିକ୍ରମା କରି ଏଡ୍‌ସ ସମ୍ବନ୍ଧରେ ସାଧାରଣ ଜନତାଙ୍କୁ ସଚେତନ କରିଥିଲା। ଏହି ରାଲିକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସିଏଚ୍ ଏମ୍. ଜଗନ୍ନାଥ ରାଓ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ପରେ ସ୍ୱାସ୍ଥ୍ୟ ବିଭାଗ ସମ୍ମିଳନୀ କକ୍ଷରେ ଏକ ସଭାରେ ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଡାକ୍ତରମାନେ ଏଡ୍‌ସର ଭୟାବହତା, ଏହାକୁ କିପରି ରୋକାଯାଇ ପାରିବ, ଏଡ୍‌ସ ରୋଗୀଙ୍କ ଚିକିତ୍ସା ଇତ୍ୟାଦି ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମାଲକାନଗିରି ୨୦୩୦ ସୁଦ୍ଧା ଏଡ୍‌ସ ମୁକ୍ତ ଜିଲା ଭାବେ ପରିଗଣିତ ହେବ ବୋଲି ରାଓ କହିଥିଲେ। ଏହି ଦିବସର ମୁଖ୍ୟ ବାର୍ତ୍ତା ମୋ ସ୍ୱାସ୍ଥ୍ୟ ମୋ ଅଧିକାର। ଏହି ବାର୍ତ୍ତା ଜିଲାର ପ୍ରତ୍ୟେକ ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରଚାର ପ୍ରସାର କରାଯାଉଛି।

## ଖାଦ୍ୟ ପ୍ରସ୍ତୁତି, ସଫାସୁତରା ଉପରେ ଗୁରୁତ୍ୱ

### ଗୃହିଣୀମାନଙ୍କୁ ନେଇ ପ୍ରତିଯୋଗିତା

ମାଲକାନଗିରି,୧।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମାର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଗୃହିଣୀମାନଙ୍କୁ ନେଇ ହମାରୀ ରୋଷେଇ ହମାରୀ ଜିମେଦାରୀ କାର୍ଯ୍ୟକ୍ରମରେ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଣିକ ସଂଘ ସଭାପତି ସୁରେଶ ସୋମାନୀ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ୨୦ରୁ ଉର୍ଦ୍ଧ୍ୱ ଗୃହିଣୀ ଅଂଶଗ୍ରହଣ କରି ନିଜ ନିଜର ପ୍ରସ୍ତୁତି ଖାଦ୍ୟ, ଚୁଲା ପାଖ କିପରି ସଫାସୁତୁରା ରଖିବେ, ଖାଦ୍ୟ ପ୍ରସ୍ତୁତି ସମୟରେ କିପରି ରନ୍ଧାଶାଳର ପରିବେଶ ପ୍ରତି ଦୃଷ୍ଟି ଦେବେ, ଗ୍ୟାସ୍ ଚୁଲାରେ ରାନ୍ଧିବା ସମୟରେ ଯେପରି ଲିକ୍ ନ ହୁଏ, କମ୍ ଗ୍ୟାସ ବ୍ୟବହାରରେ କିପରି ଖାଦ୍ୟ ପ୍ରସ୍ତୁତ ହୋଇପାରିବ ସେ ସମ୍ପର୍କରେ ସମ୍ବଲପୁର ଏଲ୍‌ପିଜି ସେଲସ୍‌ର ସହକାରୀ ପରିଚାଳକ କେ. ରାମବାବୁ ଗୃହିଣୀମାନଙ୍କୁ ନେଇ ପ୍ରତିଯୋଗିତା କରିଥିଲେ। ଏଥିରେ କମ୍ ସମୟରେ ପ୍ରତିଯୋଗୀମାନେ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରିଥିଲେ। ପ୍ରତିଯୋଗୀମାନଙ୍କ ମଧ୍ୟରେ ରେଣୁକା ନାୟକ ପ୍ରଥମ, ମମତାମୟୀ ମହାନ୍ତି ଦ୍ୱିତୀୟ ଓ ସୁସ୍ମିତା ଦେବନାଥ ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଯୋଗାଣ ଅଧିକାରୀ ମୁରଲି ରାଓ, ବିଷ୍ଣୁ ମିଶ୍ର, ଶଙ୍କର ସାହା ଓ ଅରୁଣ ମଜୁମଦାର ପ୍ରମୁଖ ଯୋଗ ଦେଇଥିଲେ।


ପ୍ରତିଯୋଗିତାରରେ ଜଣେ ଗୃହିଣୀଙ୍କୁ ପୁରସ୍କୃତ କରାଯାଉଛି।

## ଶିଶୁ ସୁରକ୍ଷା ମିଳିତ ମଞ୍ଚର ଭୂମିକା ଗୁରୁତ୍ୱପୂର୍ଣ୍ଣ

### ବାଲ୍ୟ ବିବାହମୁକ୍ତ ଅଭିଯାନ

ମାଲକାନଗିରି, ୧।୧୨(ଦୁର୍ଯ୍ୟୋଧନ ପାତ୍ର)

ନୂଆଦିଲ୍ଲୀ ବିଜ୍ଞାନ ଭବନରେ ବାଲ୍ୟ ବିବାହ ବିରୋଧରେ ଭାରତ ସରକାର ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ ଦ୍ୱାରା ସାରା ଦେଶରେ ସରକାରୀ ଓ ବେସରକାରୀ ଭାବେ ଜନ ସଚେତନତା ସୃଷ୍ଟି କରୁଛନ୍ତି। ମାଲକାନଗିରି ଜିଲାରେ ନଭେମ୍ବର ୨୭ରୁ ୧୫୦ ଗ୍ରାମର ମୁଖିଆ ଏବଂ ଗ୍ରାମବାସୀଙ୍କୁ ନେଇ ବାଲ୍ୟ ବିବାହ ସୁରକ୍ଷା ଅଧିକାର ସମ୍ପର୍କରେ ସଚେତନ କରାଯିବା ସହ ଏଥିରେ ଆଶା ଓ ଅଙ୍ଗନୱାଡି କର୍ମୀ, ଶିକ୍ଷୟିତ୍ରୀ, ଶିକ୍ଷକ, ମହିଳାମାନଙ୍କୁ ନେଇ କ୍ୟାଣ୍ଡେଲ ଶୋଭାଯାତ୍ରା ସହିତ ୮ ପଞ୍ଚାୟତରେ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଯାଇଛି।



ବୈଠକରେ ଅତିଥିମାନେ ବାଲ୍ୟ ବିବାହ ଉପରେ ମହିଳାମାନଙ୍କୁ ସଚେତନ କରୁଛନ୍ତି।

ମାଲକାନଗିରି ଜିଲାର ଶିଶୁ ସୁରକ୍ଷା ମଞ୍ଚ ତରଫରୁ ଏହି କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯିବା ସହ ଆଗାମୀ ଦିନରେ ଶିଶୁମାନଙ୍କ ପାଇଁ ନ୍ୟାୟ ଅଧିକାର, ଶିଶୁ ସୁରକ୍ଷା ଅଧିକାର ମିଳିତ ମଞ୍ଚରେ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମଞ୍ଚ ତରଫରୁ ଜିଲା ସଂଯୋଜକ ନିତ୍ୟାନନ୍ଦ ପ୍ରଧାନ ରବିବାର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମ ହରେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ କାର୍ଯ୍ୟକ୍ରମଗୁଡିକର ବିଭିନ୍ନ ସ୍ଥାନରେ ଅଂଶଗ୍ରହଣ କରି ବାଲ୍ୟ ବିବାହମୁକ୍ତ ଭାରତ ଉପରେ ଗୁରୁତ୍ୱ ଦେଇଥିଲେ।

